# ଉତ୍କଳ ଭାରତୀଙ୍କ ଉକ୍ତି

ଛନ୍ଦ ବାବୁ ମୋର କୋମଳ ବସନ
ଅଙ୍ଗକୁ ଯହିଁରେ ନ ହେବ ପୀଡ଼ା,
ଦେବ ହେଲେ ଦିଅ ଏମନ୍ତ ଭୂଷଣ
ଯାହା ଘେନି ମୋର ନ ହେବ ବ୍ରୀଡ଼ା।
ଅଙ୍ଗ ଚାହିଁ ଦିଅ ଯୋଗ୍ୟ ପରିଚ୍ଛଦ
ପରିଚ୍ଛଦ ଯୋଗୁଁ ନ କାଟ ଦେହ,
କଟା ହେଲେ ହେବ ଜୀବନେ ବିପଦ
ନ କର ମାତାକୁ ସେପରି ସ୍ନେହ।
ନଖ ବଢ଼ିଥିଲେ କର କରତନ
ରଞ୍ଜିଦିଅ ତହିଁ ଅଳତା ରଙ୍ଗ,
ନାକ ବଡ଼ ଥିଲେ ତା କଲେ ଛେଦନ
ହେବ ନାହିଁ କି ମୋ ସୌଷ୍ଠବ ଭଙ୍ଗ ?
ରୋଗ ଥିଲେ ଦେହେ ପ୍ରତିକାର କର
ପ୍ରକୃତିସ୍ଥ ହେଉ ଜୀବନ ମୋର,
ଭିନ୍ନ ବର୍ଣ୍ଣେ ଯଦି ରଞ୍ଜ କଳେବର
ହେବ ମାତ୍ର ତହିଁ ବୀଭତ୍ସ ଘୋର।
ତୁମ୍ଭେ ମୋତେ ଯେଉଁ ବେଶରେ ସାଜିବ
ସେ ବେଶ ଦେଖିବେ ଜଗତ ଜନେ,
ତୁମ୍ଭେ ଯଦି ମୋତେ ଯତନେ ମାଜିବ
ମାର୍ଜିତ ଉଜ୍ଜ୍ୱଳ ହେବି ଭୁବନେ।
ଦେଉଁ ଦେଉଁ ମୋର ନୟନେ ଅଞ୍ଜନ
ମୁଖ ଯଦି ହେବ କାଳିମାମୟ,
ପୋଛ ଗଣ୍ଡ କାଳି ନ ଦେଇ ଗଞ୍ଜନ
ହେବ ମନୋହର କାନ୍ତି ଉଦୟ।
ପାଇଥିଲେ ଦିଅ ବିଲାତି ପ୍ରସୂନ
ଥାଏ ଯଦି ତହିଁ କିଛି ସୌରଭ,
ସୌରଭ ନଥିଲେ କାନ୍ତିରେ ନିଊନ
ନଥିଲେ ବଢ଼ିବ ସିନା ଗୌରବ !
ମସ୍ତକେ ମୋ ଟୋପି ନ ଦେବ ବାବାରେ
ନ କାଢ଼ିବ ମୋର କରୁ କଙ୍କଣ,
ସିନ୍ଦୂର ବିନ୍ଦୁ ମୋ ଭାଳେ ରଖିବାରେ
ନିରନ୍ତର ମନେ ଥିବ ସ୍ମରଣ।

ଭାଇ ଭାଇ ମଧ୍ୟେ କଳହ ନ କର
ତୁମ୍ଭ କଳହେ ମୁଁ ହେବି ଦୂଷିତ,
ରତନ ସଂଗ୍ରହେ ହୁଅ ଯତ୍ନପର
ରତ୍ନ ଗୁନ୍ଥି ମୋତେ କର ଭୂଷିତ।
ଅଭିମାନ ରୋଗେ ନ କର ପ୍ରଳାପ
ପ୍ରଳାପ ଶୁଣିଲେ କାନ୍ଦେ ମୋ ହୃଦ,
ଜ୍ଞାନେ ଧ୍ୟାନ ରଖି କର ସଦାଳାପ
ସଦାଳାପେ ସଦା ବଢ଼ୁ ମୋ ମୁଦ।
ମନ୍ଦିରକୁ ମୋର କର ସୁସଜ୍ଜିତ
ରମ୍ୟ ରମ୍ୟ ଉପକରଣ ଆଣି,
କାଠ ଖମ୍ବମାନ କର ସୁରଞ୍ଜିତ
ଢାଳିଦିଅ ତହିଁ ସୁବର୍ଣ୍ଣ ପାଣି।
ନାନା ଦେଶୁ ଆଣ ତରୁ ବଲ୍ଲୀମାନ
ରୋପଣ କର ମୋ ଉଦ୍ୟାନଗର୍ଭେ,
ଉଦ୍ୟାନ କରିବ ସୁଫଳ ପ୍ରଦାନ
ଭୁଞ୍ଜିବ ସୁଖେ ମୋ ନନ୍ଦନ ସର୍ବେ।
ଆବର୍ଜ୍ଜନାହୀନ କର ମୋ ସଦନ
କର ଆବଶ୍ୟକ ଜୀର୍ଣ୍ଣ ସଂସ୍କାର,
ମାନ୍ୟ ଧର୍ମ ରଖି କର ବିଚରଣ
ନ କର ମୋ ପୁରେ ଯଥେଚ୍ଛାଚାର।
ନିଜ ଉନ୍ନତିକି ଉନ୍ନତି ନ ମଣ
ମୋତେ ନ କରିବା ଯାଏ ଉନ୍ନତ,
ଏକ ତରୁ ତଳେ ଥିବେ କେତେ ଜଣ
ବହୁ ଜଳ ଫଳ ଦିଏ ପର୍ବତ।
ତୁମ୍ଭ ରାଜ୍ୟ ଭୂମି ପ୍ଲାବି ନ ପାରନ୍ତି
ଆଣ୍ଡିସ୍ ଗିରିର ଅସଂଖ୍ୟ ଝର,
କେ ହରିବ ତୁମ୍ଭ ହୃଦୟ ତପତି
ନ ବହିଲେ ପୂତ ସ୍ରୋତ ମୋହର।
ହୋଇ ଏକପ୍ରାଣ ହୋଇ ଏକମନ
ଉଚ୍ଚ ତାନେ ଗାଅ, "ଭାରତୀ ଜୟ",
ଉଚ୍ଚେ ଟେକ କୀର୍ତ୍ତି- ପତାକା ଗଗନ
ହୋଇଯାଉ ଶୁଭ୍ର ପତାକାମୟ।